Principal Madam
1.10.16.

# D.A.V. PUBLIC SCHOOLS, BHUBANESWAR

## SUMMATIVE ASSESSMENT – 1 (2016-17)

## CLASS – VII

## SUBJECT – LOWER ODIA

Time : 2 ½ Hrs — Full Marks : 90

**ସାଧାରଣ ନିର୍ଦ୍ଦେଶାବଳୀ :-**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରର କ୍ରମିକ ସଂଖ୍ୟା ଓ ବିଭାଗ ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷର ଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖି ସାରିବାପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।
- ପ୍ରଶ୍ନପତ୍ରରେ ଦୁଇଟି ବିଭାଗ ଓ ୧୨ଟି ପ୍ରଶ୍ନ ଅଛି ।

## 'କ' ବିଭାଗ (୪୦)

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** (୫x୧=୫)

ଓଡ଼ିଶାର ଇତିହାସ ଗୌରବମୟ । ଏହାର ଅପୂର୍ବ ସାମରିକ ପରାକାଷ୍ଠା ଦୀର୍ଘକାଳ ଏହାର ସ୍ୱାଧୀନତା ବଜାୟ ରଖିଥିଲା । ଜୈନ ଓ ବୌଦ୍ଧ ଯୁଗରେ ଏହା ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ସମଗ୍ର ଭାରତବର୍ଷ ଅଧିକାର କରିଥିଲେ ମଧ୍ୟ ଓଡ଼ିଶା ଅଧିକାର କରିବାକୁ ସାହାସ କରିନଥିଲେ । ଏହି ଯୁଗୀୟ ଜୈନ ଧର୍ମଗ୍ରନ୍ଥ, ବୌଦ୍ଧ ଧର୍ମଗ୍ରନ୍ଥ ଶିଳାଲେଖା ଓ ବିଦେଶୀ ପରିବ୍ରାଜକଙ୍କ ବିବରଣୀରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ଐତିହ୍ୟର ପରିଚୟ ମିଳିଥାଏ । ଅନୁଧ୍ୟାନରୁ ଜଣାଯାଏ ଓଡ଼ିଶା ରାଜ୍ୟ ହିଁ ଜୈନ ଓ ବୌଦ୍ଧ ଧର୍ମର ମୁଖ୍ୟ ପ୍ରଚାରସ୍ଥଳୀ ଥିଲା । ବୌଦ୍ଧଧର୍ମ ମଗଧରେ ଜନ୍ମଲାଭ କରିଥିଲେ ମଧ୍ୟ ଓଡ଼ିଶାରେ ବିକଶିତ ହୋଇ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା । ମହାତ୍ମା ବୁଦ୍ଧଙ୍କର ପ୍ରଥମ ଦୁଇଶିଷ୍ୟ ତପସୁ ଓ ଭଲ୍ଲିକ ଉତ୍କଳବାସୀ ଥିଲେ ।

**ପ୍ରଶ୍ନ**

(କ) ମହାତ୍ମା ବୁଦ୍ଧଙ୍କର ପ୍ରଥମ ଦୁଇ ଶିଷ୍ୟଙ୍କର ନାମ କ'ଣ ?

(ଖ) ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା କିଏ ?

(ଗ) ବୌଦ୍ଧଧର୍ମ କେଉଁ ରାଜ୍ୟରେ ଜନ୍ମଲାଭ କରିଥିଲା ?

(ଘ) ଅତୀତରେ ଓଡ଼ିଶା କିପରି ଦୀର୍ଘକାଳ ଧରି ତାର ସ୍ୱାଧୀନତା ବଜାୟ ରଖିଥିଲା ?

(ଙ) କେଉଁଥିରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ଐତିହ୍ୟର ପରିଚୟ ମିଳିଥାଏ ?

୨. ପ୍ରାତଃଭ୍ରମଣର 'ଉପକାରିତା ବିଷୟରେ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

କିମ୍ବା (୧x୫=୫)

ବଣ ଭୋଜି ବିଷୟରେ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

Keshab Chandra Pradhan
1/10/16

୩. **ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ ।** (୧x୫=୫)

**ଗ୍ରୀଷ୍ମଋତୁ, ଆଦର୍ଶଛାତ୍ର, ତୁମର ପ୍ରିୟ ଖେଳ**

୪. **ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ ।**

କ) ଶବ୍ଦାର୍ଥ ଲେଖ । (୫ଟିର) (୫x୧=୫)

ଖଦ୍ୟୋତ, ନିଶାମୁଖ, ଦିନକର, ସୌଦାମିନୀ, ପରିପକ୍ୱ, କୃତକୃତ୍ୟ

ଆଭାସ

ଖ) ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୫ଟିର) (୫x୧=୫)

ବରଷା, ଶବଦ, ଗରଜି, ଗ୍ରୀଷମ, ତପତ, ମୁକୁତା, ଅଳପ

ଗ) ପ୍ରତିଶବ୍ଦ ଲେଖ । (୫ଟିର) (୫x୧=୫)

ପୃଥିବୀ, ସୂର୍ଯ୍ୟ, ମେଘ, ଚଢେଇ, ତାରା, ସକାଳ, ମଣ୍ଡୂକ

ଘ) ଲିଙ୍ଗ ପରିବର୍ତ୍ତନ କର । (୪ଟିର) (୪x୧=୪)

ଭିକାରି, ପିତା, ମହାରାଜା, ବାଘୁଣୀ, ପିତାମହୀ, ସାହେବ

ଙ) ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର । (୩x୧=୩)

i) ବେଳ ଆସିଛି ମାଛି ନ ହୋଇ ମହୁମାଛି ହେବା, ଘାଆରେ ନବସି -- ବସିବା ।

(ଫଳରେ, ପତ୍ରରେ, ଫୁଲରେ, ଡ଼ାଳରେ)

ii) ଯେ ଦେଶେ ଅଛନ୍ତି ମୋର ପ୍ରିୟ ------- ।

(ଫଳ, ବହି, ପରିବାର, ସାଗର)

iii) ସଭରକର ଆଣ୍ଡାମାନ ଜେଲରେ --------- ବର୍ଷ କଟାଇଥିଲେ ।

(୧୦ ବର୍ଷ, ୧୫ ବର୍ଷ, ୮ ବର୍ଷ, ୫ ବର୍ଷ)

ଚ) ଭିନ୍ନ ଜାତୀୟ ଶବ୍ଦକୁ ବାଛି ଲେଖ । (୩x୧=୩)

i) ଅନିଳ, ଆନନ୍ଦ, ପବନ, ବାୟୁ

ii) ବିହଗ, ପକ୍ଷୀ, ବିହଙ୍ଗମ, ନକ୍ଷତ୍ର

iii) ବର୍ଷା, ପବନ, ବିଜୁଳି, ଗିରିଶିଖ

## 'ଖ' ବିଭାଗ (୫୦)

୫. **ପଠିତ କବିତାଂଶଟିକୁ ପଢି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** (୫x୧=୫)

ପ୍ରାଣୀ-ଜୀବନ ଜଳରାଶି
କରୁଣା ଚିତ୍ତରେ ବରଷି ।
ପୃଥିବୀ ରବି ତେଜ ଗ୍ରାସେ
ତାପିତ ଥିଲା ଅଷ୍ଟମାସେ ।
ଜଳ ପାଇଲା ତୋଷଚିତ୍ତେ
ତପସ୍ୱୀ ଜନଙ୍କର ମତେ ।
ତପସ୍ୟା ଫଳ ଯେହ୍ନେ ପାଇ
ଭୁଞ୍ଜନ୍ତି ଅତି ସୁଖୀ ହୋଇ ।

କ) ପ୍ରାଣୀଙ୍କ ଜୀବନ ବୋଲି କାହାକୁ କୁହାଯାଇଛି ?

ଖ) ପୃଥିବୀ କାହାର ଉତ୍ତାପରେ ଆଠମାସ ଉତ୍ତପ୍ତ ଥିଲା ?

ଗ) କିଏ କରୁଣା ହୃଦୟରେ ଜଳଦାନ କରିବା କଥା କୁହାଯାଇଛି ?

ଘ) ଏହି କବିତାଂଶଟି କେଉଁ କବିତାରୁ ଆସିଅଛି ?

ଙ) ଏହି କବିତାର କବି କିଏ ?

୬. **ବାକ୍ୟ ଗଠନ କର । (୩ଟିର)** (୩x୧=୩)

ଓଜସ୍ୱିନୀ, ଆହ୍ୱାନ, ଅବିସ୍ମରଣୀୟ, ପ୍ରତ୍ୟାବର୍ତ୍ତନ, ଲହୁ-ଲୁହ

୭. **ଯୋଗ କର ।** (୫x୧=୫)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଧନ | ପରିଶ୍ରମ |
| ବୁଢା | ସଂପତ୍ତି |
| ଶାରୀରିକ | ବୟସ |
| ଦାୟିତ୍ୱ | ଜନନୀ |
| ଉତ୍କଳ | ଜ୍ଞାନ |
| | ଦେଶ |

୮. **ପ୍ରଶ୍ନ ଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦରେ ଲେଖ (୫ଟିର) ।** (୫x୧=୫)

କ) ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

ଖ) ଗୋପାଳ ବାଳକମାନେ କ'ଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଥିଲେ ?

ଗ) ଆମେ ଯେଉଁ ଦେଶରେ ଜନ୍ମଲାଭ କରିଛୁ ତାହାକୁ କ'ଣ ବୋଲି କହିବା ?

ଘ) ମୁକୁତା କେଉଁଠି ସାଇତା ହୋଇ ରହିଛି ?

ଙ) ୧୯୨୧ ମସିହାରେ ଭାରତରେ ହୋଇଥିବା ଆନ୍ଦୋଳନର ନାମ କ'ଣ ?

ଚ) ମର୍ଗାନଙ୍କ ସାଙ୍ଗ କେଉଁ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଥିଲେ ?

ଛ) ସଭରକର କେଉଁଦଳ ଗଠନ କରିଥିଲେ ?

୯. **ମୂଲ୍ୟବୋଧ ଭିତ୍ତିକ ପ୍ରଶ୍ନର ଉତ୍ତର ଲେଖ । (୧ଟିର)** (୧x୫=୫)

କ) ଜନ୍ମଭୂମି ତୁମର ଅତି ପ୍ରିୟ ବୋଲି ମନେକର କାହିଁକି ନିଜ ମନରୁ ଲେଖ ।

ଖ) ବର୍ଷାଋତୁ ଆସିଲେ ଆମ ପରିବେଶରେ କି ପ୍ରକାର ପରିବର୍ତ୍ତନ ତୁମେ ଲକ୍ଷ୍ୟକର ତାହା ନିଜ ଭାଷାରେ ଲେଖ ।

୧୦. **ସଂକ୍ଷେପରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।(୫ଟିର)** (୫x୨=୧୦)

କ) ମେଘମାନେ କେଉଁଠି ମିଳିତ ହୁଅନ୍ତି ?

ଖ) ସକାଳ ହେବାରୁ କେଉଁ କେଉଁ ପକ୍ଷୀ ରାବିଲେ ?

ଗ) କେଉଁମାନଙ୍କ ନାମ ଲୋକ ମୁଖରେ କାଳେ କାଳେ ରହେ ?

ଘ) ମିଲିଟାରୀ ପୋଷାକ ପିନ୍ଧିଥିବା ସେଇ ଯୁବକର ନାଆଁ କ'ଣ ?

ଙ) ଆମେରିକାର ଲୋକଙ୍କ ଠାରୁ ଶିଖିବା ଭଳି ସବୁଠୁଁ ବଡ଼ କଥାଟି କ'ଣ ?

ଚ) ସ୍ୱାଧୀନତା ପରେ ଭାରତ ଦୁଇଭାଗ ହେବାରୁ କେଉଁ ନୂତନ ଦେଶଟି ସୃଷ୍ଟି ହେଲା ?

ଛ) ସଭରକର ଆଣ୍ଡାମାନ ଜେଲରେ ରହୁଥିବା ସମୟରେ ତାଙ୍କର କେଉଁ ଭାଇଙ୍କ ସହିତ ଭେଟ ହୋଇଥିଲା ?

୧୧. **ପ୍ରଶ୍ନଗୁଡ଼ିକର ଉତ୍ତର ୨ କିମ୍ବା ୩ଟି ବାକ୍ୟରେ ଲେଖ । (୩ଟିର)** (୩x୩=୯)

କ) ପିଲାଟିର ଲେଖକଙ୍କ ପ୍ରତିଥିବା କୃତଜ୍ଞତା କିପରି ପ୍ରମାଣିତ କଲା ?

ଖ) ବୁଢା ବୟସରେ ବେକର କୋଡ଼ି, ଶାବଳ ଧରି ଏତେ କାମ କରିବାର ଉଦ୍ଦେଶ୍ୟ କ'ଣ ଥିଲା ?

ଗ) ଅସହଯୋଗ ଆନ୍ଦୋଳନ ସମୟରେ ଲେଖକ କିପରି ସ୍ୱାଧୀନତା ସଂଗ୍ରାମ ସହିତ ସଂଶ୍ଳିଷ୍ଟ ଥିଲେ ?

ଘ) ଜେଲଯିବା ଗୌରବର କଥା ବୋଲି ସଭରକର କାହିଁକି କହିଥିଲେ ?

ଙ) କେଉଁ ଉଦ୍ଦେଶ୍ୟରେ ସଭରକର ଜାହାଜରୁ ସମୁଦ୍ରକୁ ଡ଼େଇଁ ପଡ଼ିଥିଲେ ?

୧୨. **ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।** (୮x୧=୮)

କ) ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ ?
(ବସନ୍ତ ଋତୁ, ଶୀତଋତୁ, ବର୍ଷା ଋତୁ, ଶରତ ଋତୁ)

ଖ) ମୟୁର କାହାକୁ ଚାହିଁ ନୃତ୍ୟ କରେ ?
(ସୂର୍ଯ୍ୟ, ମେଘ, ବର୍ଷା, ପାହାଡ଼)

ଗ) 'ପ୍ରଭାତ ଅବକାଶ' କବିତାର କବି କିଏ ?
(ବନମାଳୀ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ମଧୁସୂଦନ ଦାସ)

ଘ) ବଂଶୀଧର ବୋଲି କବିତାରେ କାହାକୁ କୁହାଯାଇଛି ?
(ବଳରାମ, ଶ୍ରୀକୃଷ୍ଣ, କଂସ, ଗୋପସ୍ତୁତ)

ଙ) ମଣି କେଉଁଠୁ ମିଳେ ?
(ସାଗର, ଖଣି, ଅରଣ୍ୟ, ପର୍ବତ)

ଚ) ଆଣ୍ଡାମାନ ଦ୍ୱୀପ କାହାମଧ୍ୟରେ ଅବସ୍ଥିତ ?
(ଆରବ ସାଗର, ବଙ୍ଗୋପ ସାଗର, ଅଷ୍ଟ୍ରେଲିଆ, ପ୍ରଶାନ୍ତ ସାଗର)

ଛ) ସଭରକର୍ ଆଇନ୍ ପଢିବା ପାଇଁ କେଉଁଠିକୁ ଯାଇଥିଲେ ?
(ଆମେରିକା, ଲଣ୍ଡନ, ଜର୍ମାନ, ଜାପାନ)

ଜ) ସଭରକର ବନ୍ଦୀ ହୋଇ କେଉଁ ଜାହାଜରେ ବିଲାତକୁ ଭାରତକୁ ଆସୁଥିଲେ ?
(ଇଣ୍ଡିସ୍, ମେରିଆ, ସଫାରୀ, ନାଗ)

#######